

ପରର ମଙ୍ଗଳ କରିବା ସବୁଠାରୁ ବଡ଼ ଧର୍ମ।
ଅନ୍ୟକୁ କଷ୍ଟ ଦେବା ସବୁଠାରୁ ବଡ଼ ପାପ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ୪୪୩ ଲିଟର ମଦ ଜବତ, ଜଣେ ଗିରଫ



ଲମତାପୁଟ,୬।୧(ଡି.ଏନ୍.ଏ.): କୋରାପୁଟ ଜିଲା ଲମତାପୁଟ ବ୍ଲକର ଆଶା କିରଣ ନିକଟରୁ ସ୍ଥାନୀୟ ପୋଲିସ ଏକ ବିଦେଶୀ ମଦ ବୋଝେଇ କମାଣ୍ଡର ଜବତ କରିବା ସହ ଜଣକୁ ଗିରଫ କରିଛି। ସେ ହେଲେ ନନ୍ଦପୁର ଅଞ୍ଚଳର ଏମ୍ ରାମାରାଓ । ରବିବାର ରାତିରେ ଲମତାପୁଟ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଲମତାପୁଟରୁ ଜଲାପୁଟ ରାସ୍ତାରେ ଦ୍ରୁତ ଗତିରେ ଯାଉଥିବା ଏକ କମାଣ୍ଡର ଗାଡି ନଂ (ଓଆର୦୯ଏ୭୨୮୫)କୁ ଅଟକାଇଥିଲା । ଯାଞ୍ଚ ସମୟରେ ଗାଡିରେ ୫୦ ପେଟି ତଥା ୪୪୩ ଲିଟର ବିଦେଶୀ ମଦ ଥିବା ଜଣାପଡିଥିଲା। ସୋମବାର ନନ୍ଦପୁର ଏସ୍‌ଡିପିଓ ତପନ କୁମାର ମହାନନ୍ଦ ଏକ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି ।

### ଡକାୟତି ମାମଲାରେ ୫ ନିର୍ଦ୍ଦୋଷ

ଜୟପୁର,୬।୧(ଡି.ଏନ.ଏ):କୋରାପୁଟ ଜିଲା ଜୟପୁରସ୍ଥିତ ମୁଖ୍ୟ ଜୁଡିସିଆଲ ମାଜିଷ୍ଟ୍ରେଟ କୋର୍ଟରେ ମୁଖ୍ୟ ଜୁଡିସିଆଲ ମାଜିଷ୍ଟ୍ରେଟ ପ୍ରଣତି ପଟ୍ଟନାୟକ ଏକ ଡକାୟତି ମାମଲାରେ ୫ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ୧୦ ଜଣଙ୍କ ସାକ୍ଷ୍ୟକୁ ଭିତ୍ତିକରି ସେମାନଙ୍କୁ ଖଲାସ କରିଛନ୍ତି । ସେମାନେ ହେଲେ ରାମ ଛେତ୍ରିଆ, ଦୁଷା ଜାନୀ, ଅକ୍ଷୟ କୁମାର, ନରସିଂହ ପଣ୍ଡା ଏବଂ ବ୍ଲିଙ୍କର ଖରା । ୨୦୧୫ ସେପ୍ଟେମ୍ବର ୨୭ ତାରିଖ ସନ୍ଧ୍ୟାରେ ଜୟପୁରରୁ ରାୟପୁର ଯାଉଥିବା ଏକ ଘରୋଇ ବସକୁ ଦୁର୍ବୃତ୍ତମାନେ ସ୍ଥାନୀୟ ଭାରତୀୟ ଜୀବନ ବୀମା କାର୍ଯ୍ୟାଳୟଠାରେ ଅଟକାଇ ଦିଲ୍ଲୀର ବାସିନ୍ଦା ବିଜୟ ଶର୍ମାଙ୍କଠାରୁ ୧୦ ହଜାର ଟଙ୍କା ଲୁଟ୍ କରିଥିଲେ । ଏହି ଘଟଣାରେ ଟାଉନ୍‌ଥାନା ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଶରତ ମାଝି, ଆରତୀ ମହାନ୍ତି, ଦେବାଶିଷ ମହାନ୍ତି ଏବଂ ଗୋକୁଳ ସୂର୍ଯ୍ୟ ମାମଲା ପରିଚାଳନା କରିଥିଲେ ।

### ଆୟୁର୍ବେଦ ପ୍ରଚାର, ପ୍ରସାର ନେଇ ସମ୍ମାନିତ



ଜୟପୁର, ୬।୧ (ନି.ପ୍ର): ସଞ୍ଜିବନୀ ଆୟୁର୍ବେଦ ସଂଗଠନ ତରଫରୁ ବଲାଙ୍ଗୀର ରେ ଏକ ସମ୍ମିଳନି ଅନୁଷ୍ଠିତ ହୋଇଥିଲା । ଉକ୍ତ ସମ୍ମିଳନୀରେ ଦକ୍ଷିଣ ଓଡିଶା ଆୟୁର୍ବେଦ ବିକାଶ ପରିଷଦ ଜୟପୁରର ସମ୍ପାଦକ ପରମେଶ୍ୱର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ବଲାଙ୍ଗିର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଅଧ୍ୟକ୍ଷ ଅରୁଣ କୁମାର ଦାସ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଆୟୁର୍ବେଦ ପ୍ରଚାର, ପ୍ରସାର ଓ ବିକାଶ ନିମନ୍ତେ ତାଙ୍କୁ ସମ୍ମାନିତ କରାଯାଇଛି ।

# କୋରାପୁଟରେ ଚାଷୀ ମେଳି

ସେମିଳିଗୁଡା, ୬।୧(ସ୍ୱ.ପ୍ର )

କୋରାପୁଟରେ ଚାଷୀ ମେଳି । ସୋମବାର ନାରାୟଣପାଟଣା ଓ ବନ୍ଧୁଗାଁର ଶତାଧିକ ଚାଷୀ କୋରାପୁଟ ଆସି ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବା ସହ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜମିରେ ଗଭୀର ନଳକୂପ ଖନନ ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୩ ବର୍ଷ ହେଲା ଟଙ୍କା ଜମା କରିଛୁ, ତଥାପି ଜମିରେ ଖନନ ହୋଇ ପାରୁନାହିଁ ନଳକୂପ ବୋଲି ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଚାଷୀ । ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।

ଅସମତୁଲ ପାହାଡିଆ ଜମିରେ ସବୁଜ ବିପ୍ଳବ ସୃଷ୍ଟି କରିବା ଲକ୍ଷ୍ୟରେ ସରକାର ଗଭୀର ନଳକୂପ ଯୋଜନା ଘୋଷଣା କରିଥିଲେ । ଏଥିଲାଗି ୨୦୧୭ରେ ବନ୍ଧୁଗାଁ ଓ ନାରାୟଣପାଟଣା ବ୍ଲକର ନାମମାତ୍ର କ୍ଷୁଦ୍ର ଚାଷୀ ୧୦,୦୦୦ରୁ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜମା କରିଛନ୍ତି । ଇତିମଧ୍ୟରେ ୩ ବର୍ଷ ବିତିଥିଲେ ମଧ୍ୟ ଚାଷୀଙ୍କ ଜମିରେ ଗଭୀର ନଳକୂପ ଖନନ ହୋଇପାରୁ ନାହିଁ। ସରକାରଙ୍କ ଦେୟ ମିଳିପାରି ନ ଥିବାରୁ ଏହା କାର୍ଯ୍ୟକାରୀ ହୋଇପାରି ନ ଥିବା ଜଣାଯାଇଛି । ଏନେଇ ସୋମବାର ଉକ୍ତ ୨ ବ୍ଲକର ଶତାଧିକ ଚାଷୀ କୋରାପୁଟଠାରେ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ ଜଣାଇଛନ୍ତି। ନଳକୂପ ଖନନ କାର୍ଯ୍ୟ ତୁରନ୍ତ କରିବା ପାଇଁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଚାଷୀ ସହ ଆଲୋଚନା କରିବା ପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଏକ ମାସ ମଧରେ ସମସ୍ୟା ସମାଧାନ କରା ନ ଯାଏ, ତେବେ ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି ଚେତାବନୀ ଦେଇଛନ୍ତି ଚାଷୀ । ସୂଚନାଯୋଗ୍ୟ ଯେ,ଏହି ଯୋଜନାରେ କୋରାପୁଟ ଜିଲାରେ ୧୩୦୦ରୁ ଉର୍ଦ୍ଧ୍ୱ ଚାଷୀ ଉପକୃତ ହୋଇଥିବା ବେଳେ ପ୍ରାୟ ୬୦୦୦ ଏକର ଜମିକୁ ଜଳସେଚିତ କରାଯାଇଛି । ଜିଲାରେ ପ୍ରାୟ ୨୫୦୦ ଚାଷୀ ଅର୍ଥ ଜମା କରି ଯୋଜନାରୁ ବଞ୍ଚିତ ହୋଇଛନ୍ତି। ପ୍ରତି ୫ ଏକରକୁ ଗୋଟିଏ ଗଭୀର ନଳକୂପ ଖନନ କରିବାର ବ୍ୟବସ୍ଥା ରହିଛି । ଗୋଟିଏ ନଳକୂପ ପିଛା ପ୍ରାୟ ୪ ଲକ୍ଷ ଟଙ୍କା ବ୍ୟୟ ହେଉଛି । ରାଜ୍ୟ ସରକାରଙ୍କ ୯୦ ପ୍ରତିଶତ ଅଂଶ ଓ ଗରିବ ସୀମାରେଖା ତଳେ ଥିବା ନାମମାତ୍ର କ୍ଷୁଦ୍ର ଆଦିବାସୀ ଦଳିତ ଚାଷୀଙ୍କୁ ୧୦ ପ୍ରତିଶତ ଅଂଶ ଦେବାକୁ ପଡିଥାଏ ।



ଜିଲାପାଳ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି ।

**ଗଭୀର ନଳକୂପ ଖନନ ଦାବି**

- ଶାନ୍ତିପୂର୍ଣ୍ଣ ପ୍ରତିବାଦ କଲେ ନାରାୟଣପାଟଣା, ବନ୍ଧୁଗାଁ ଚାଷୀ
- ଜିଲାପାଳଙ୍କୁ ଦେଲେ ଦାବିପତ୍ର
- ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ ନିର୍ଦ୍ଦେଶ
- ମାସକ ମଧ୍ୟରେ ସମାଧାନ ନ ହେଲେ ଆନ୍ଦୋଳନ

■ ଜାତୀୟ ଥ୍ରୋବଲ ଟୁର୍ନାମେଣ୍ଟ

## ଭିଏସ ବିଦ୍ୟାଳୟ ଛାତ୍ରୀ ମନୋନୀତ

ସୁନାବେଡା,୬।୧

ଛତିଶଗଡର ଦୁର୍ଗଠାରେ ଜାତୀୟ ଥ୍ରୋବଲ ପ୍ରତିଯୋଗିତା ଆସନ୍ତା ୧୨ ତାରିଖରେ ଅନୁଷ୍ଠିତ ହେବ । ଏଥିରେ ସୁନାବେଡା ମିଗନଗରୀସ୍ଥିତ ଭିଏସ ବିଦ୍ୟାଳୟର ଏକାଦଶ ଶ୍ରେଣୀ ଛାତ୍ରୀ ଜଲ୍ପନା ମହାନ୍ତି ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଗତ ନଭେମ୍ବର ୬ ତାରିଖରେ ନବରଙ୍ଗପୁରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟରେ ସେ କୋରାପୁଟ ଜିଲାର ପ୍ରତିନିଧିତ୍ୱ କରି ଉତ୍ତମ ଖେଳ ପ୍ରଦର୍ଶନ କରିଥିଲେ । ଜଲ୍ପନାଙ୍କ ଏହି ସଫଳତା ପାଇଁ ଭିଏସ ବିଦ୍ୟାଳୟ ସମ୍ପାଦକ ତନବିର ଆଲମ, ଅଧ୍ୟକ୍ଷ ହେମନ୍ତ କୁମାର ସେଠ୍, କ୍ରୀଡା ଶିକ୍ଷକ ସନ୍ଦୀପ ପଟ୍ଟନାୟକ, ରତ୍ନାକର ବାରିକ ଏବଂ ସନ୍ଧ୍ୟାରାଣୀ ମହାପାତ୍ରଙ୍କ ସମେତ ବିଦ୍ୟାଳୟର ସମସ୍ତ ଉପାଧ୍ୟକ୍ଷ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରୀଛାତ୍ର ଶୁଭେଚ୍ଛା ଜଣାଇଛନ୍ତି ।



ଜଲ୍ପନା ମହାନ୍ତି ।

## ମହିଳା କ୍ରିକେଟ୍‌ରୁ ରାଜ୍ୟ ପ୍ରଶାସନିକ ସେବା

**୨୦୪ ର୍‍ୟାଙ୍କରେ ଋତୁ ସିଂ**

ଜୟପୁର,୬।୧ (ଡି.ଏନ.ଏନ./ନି.ପ୍ର)

କୋରାପୁଟ ଜିଲା ଜୟପୁର ସହରର ପାରବେଢା ଶ୍ରୀରାମ ନଗର ବାସିନ୍ଦା ତଥା ରାଜ୍ୟ କ୍ରିକେଟ ଦଳର ପୂର୍ବତନ ମହିଳା ଖେଳାଳି ରିତୁ ସିଂ ୨୦୧୯-୨୦ରେ ପ୍ରକାଶିତ ରାଜ୍ୟ ପ୍ରଶାସନିକ ସେବାରେ ୨୦୪ ନମ୍ବର ର୍‍ୟାଙ୍କରେ ରହିଛନ୍ତି । ସେ ମହିଳା କ୍ରିକେଟ ଦଳରେ ରାଜ୍ୟ ପାଇଁ ଖେଳିବା ସହିତ କୃତିତ୍ୱ ହାସଲ କରିଛନ୍ତି। ଶେଷରେ ରାଜ୍ୟ ପ୍ରଶାସନିକ ସେବାରେ ମଧ୍ୟ ସଫଳତା ପାଇଛନ୍ତି ରିତୁ। ତାଙ୍କର ଏହି ସଫଳତା ପାଇବାରେ ତାଙ୍କ ମାତା ଓ ପିତାଙ୍କ ଆଶୀର୍ବାଦ ଥିବା ସେ କହିଛନ୍ତି । ବାପା ରାଧାରାମ ସିଂ ଉତ୍ତର ପ୍ରଦେଶର ବାସିନ୍ଦା ହୋଇଥିଲେ ସୁଦ୍ଧା ୪୫ ବର୍ଷ ହେଲା ଜୟପୁରରେ ଜଣେ ଗାଡି ମେକାନିକ ଭାବେ କାମ କରୁଛନ୍ତି । ତିନି ଝିଅଙ୍କ ମଧ୍ୟରେ ରିତୁ ଦ୍ୱିତୀୟ ଝିଅ। କ୍ରିକେଟ ପ୍ରତି ତାଙ୍କର ରୁଚି ରହିଥିବା ବେଳେ ଜିଲା ଦଳର କ୍ୟାପଟେନ ଭାବେ ଖେଳିବା ଆରମ୍ଭ କରିଥିଲେ। ୨୦୧୧ରେ ୧୯ ବର୍ଷରୁ କମ ଦଳରେ ରାଜ୍ୟ କ୍ରିକେଟ ଦଳର ଅଧିନାୟକ ଭାବେ ଖେଳିଥିଲେ ସେ । ସେହିପରି ରାଜ୍ୟ ବରିଷ୍ଠ ମହିଳା ଦଳରେ ମଧ୍ୟ ପ୍ରତିନିଧିତ୍ୱ କରିଛନ୍ତି । ୩ ବର୍ଷ ହେଲା ସେ କୋରାପୁଟ ପୋଲିସରେ ମହିଳା କନଷ୍ଟେବଲ ଭାବେ କାର୍ଯ୍ୟରତ ଥିଲେ । ଜୟପୁର ସହରରେ ଜନ୍ମିତ ରିତୁ ସ୍ଥାନୀୟ ମଡର୍ନ ଇଂଲିଶ ବିଦ୍ୟାଳୟର ମାଟ୍ରିକ ପାସ କରିବା ପରେ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୨ ଏବଂ ଯୁକ୍ତ ୩ ବାଣିଜ୍ୟ ବିଭାଗରେ ପଢା ଶେଷ କରିଥିଲେ। ପରେ ପ୍ରଶାସନିକ ସେବା ପାଇଁ ପ୍ରସ୍ତୁତି ଜାରି ରଖିଥିଲେ। ତାଙ୍କର ସଫଳତା ପାଇଁ ପରିବାର ସମେତ ଜୟପୁର ବାସିନ୍ଦା ଗର୍ବିତ ବୋଲି ତାଙ୍କ ବାପା ରାଧାରାମ କହିଛନ୍ତି ।



## ଜେଏନ୍‌ୟୁରେ ଛାତ୍ରୀଛାତ୍ର, ଅଧ୍ୟାପକଙ୍କୁ ଆକ୍ରମଣକୁ ବିରୋଧ

ଜୟପୁର,୬।୧ (ଡି.ଏନ.ଏ./ନି.ପ୍ର)

ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଭିତରେ ଛାତ୍ରୀଛାତ୍ର ଏବଂ ଅଧ୍ୟାପକଙ୍କୁ ମରଣାନ୍ତକ ଆକ୍ରମଣକୁ ଜୟପୁର ସହରର ବିଭିନ୍ନ ଶ୍ରମିକ ସଂଗଠନ ଏବଂ ଗଣତନ୍ତ୍ର ପ୍ରେମୀ ସାଧାରଣ ଜନତାଙ୍କ ପକ୍ଷରୁ ବିରୋଧ ପ୍ରଦର୍ଶନ କରାଯାଇଛି। ପୂର୍ବାହ୍ନରେ ସ୍ଥାନୀୟ ପୁରାତନ ଚିକିତ୍ସାଳୟ ଛକ ନିକଟସ୍ଥ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଧାରଣା ଦିଆଯାଇଥିଲା । ଏକ ଶିକ୍ଷାନୁଷ୍ଠାନ ଉପରେ ଆକ୍ରମଣକୁ ବିରୋଧ କରାଯାଇ ଧାରଣା ଦିଆଯିବା ସହିତ ସ୍ଲୋଗାନ ଦିଆଯାଇଥିଲା । ଯେଉଁ ଦୁର୍ବୃତ୍ତମାନେ ଏହି କାଣ୍ଡ ଭିଆଇଛନ୍ତି ସେମାନଙ୍କୁ ତୁରନ୍ତ ଗିରଫ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଏଥିରେ ଶ୍ରମିକ ନେତା ପ୍ରମୋଦ ମହାନ୍ତି, ସିପିଆଇ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ପ୍ରବୀର ମହାନ୍ତି, ସୁବାସ ଭଟ୍ଟାଚାର୍ଯ୍ୟ, ନନ୍ଦ ହରିଜନ, ରାମନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।



ପୁରାତନ ଚିକିତ୍ସାଳୟ ଛକ ନିକଟରେ ଦିଆଯାଇଥିବା ଧାରଣା ।

## କବୟିତ୍ରୀ ସମ୍ବର୍ଦ୍ଧିତ

ଜୟପୁର, ୬।୧ (ନି.ପ୍ର)

ପଦ୍ମଲୋଚନ ପାଠାଗାର ବାଲେଶ୍ୱର ତରଫରୁ ଆୟୋଜିତ ୨୩ ତମ ବାର୍ଷିକ ଉତ୍ସବରେ କବୟିତ୍ରୀ ସୁବର୍ଣ୍ଣ କୁମାରୀ ଖିଲଙ୍କୁ ଯଦୁବଂଶ ସାରସ୍ୱତ କବି କମଳ ସମ୍ମାନ ପ୍ରଦାନ କରାଯାଇଛି । ସେ ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅଛନ୍ତି । ଉକ୍ତ ଉତ୍ସବରେ ଓଡିଆ ଭାଷା ସାହିତ୍ୟ ପ୍ରତିଷ୍ଠାନର ସଦସ୍ୟ ପ୍ରଫୁଲ୍ଲ କୁମାର ମହାପାତ୍ର ମୁଖ୍ୟଅତିଥି, ଯାତ୍ରା କଳାକାର ଦୈତାରି ପଣ୍ଡା ସମ୍ମାନିତ ଅତିଥି, ଓଡିଶା ସାହିତ୍ୟ ଏକାଡମୀ ସଦସ୍ୟ ଅଭୟ ସୂତାର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡାଙ୍କୁ ମଧ୍ୟ ଉକ୍ତ ଉତ୍ସବରେ କର୍ମି -କମଳ ସମ୍ମାନ ୨୦୨୦ରେ ସମ୍ମାନିତ କରାଯାଇଛି।

## ଆତ୍ମରକ୍ଷା ତାଲିମ ନେଲେ ଛାତ୍ରୀ

ବୈପାରୀଗୁଡା,୬।୧ (ଡି.ଏନ୍.ଏ)

ସ୍ଥାନୀୟ ଶହୀଦ୍ ଲକ୍ଷ୍ମଣ ନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୧୯ ତାରିଖରୁ ଚାଲିଥିବା ବାଳିକାମାନଙ୍କ ଆତ୍ମରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଅଚ୍ଚଳ ବିହାରୀ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଆତ୍ମରକ୍ଷା କୌଶଳର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ । ସାମାଜିକ କର୍ମୀ ମନୋଜ କୁମାର ମହାପାତ୍ର ଓ ସ୍ଥାନୀୟ ସରପଞ୍ଚ ଭାଗୀରଥି ମୁର୍ଜିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରିନାଲି ଗୌଡ ଓ ସୁଭାସିନୀ ପ୍ରଧାନ ତାଲିମ ଦେଇଥିଲେ। ଏହାକୁ ସଂଚାଳକ ଭଗବାନ ପ୍ରଧାନ ଓ ଅଧ୍ୟକ୍ଷ କୁମୁଦ ରଞ୍ଜନ ମହାରଣା ପରିଚାଳନା କରିଥିଲେ। ପରେ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।



ଜଣେ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଉଛି ।

■ ସେରୁବନ୍ଧ ଖଣି ଖନନ ନେଇ ବିଧାୟକଙ୍କ ବିରୋଧରେ ଅପପ୍ରଚାର

## ଲୋକଙ୍କ ପ୍ରତି ଅଣଦେଖା କରି ପାରିବିନି

ସେମିଳିଗୁଡା/ସୁନାବେଡା, ୬।୧(ସ୍ୱ.ପ୍ର)

ସ୍ଥାନୀୟ ସେରୁବନ୍ଧ ଖଣି ଖନନକୁ ନେଇ ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢୀଙ୍କ ବିରୋଧରେ ଅପପ୍ରଚାର ହେଉଛି । ଏନେଇ ସୋମବାର ସେମିଳିଗୁଡା ପ୍ରେସ କ୍ଲବ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ନିଜର ମତ ରଖିଛନ୍ତି ବିଧାୟକ । ସେ କହିଛନ୍ତି ଯେ, ସେରୁବନ୍ଧ ଖଣି ଖନନକୁ ନେଇ ମୋ ବିରୋଧରେ ହେଉଥିବା ଅପପ୍ରଚାର ବନ୍ଦ କରାଯାଉ । ଜନଶୁଣାଣି ସମୟରେ ମୋର ଉପସ୍ଥିତି ନ ଥିବା ସତ୍ତ୍ୱେ ମୋର ଅପପ୍ରଚାର କରାଯାଉଛି । ଜନ ଶୁଣାଣିରେ ଯୋଗ ନ ଦେଇ ସରକାରଙ୍କ ଜରୁରୀକାଳୀନ ବୈଠକରେ ଯୋଗ ଦେବା ନିମନ୍ତେ ଯାଇଥିଲି । ସେରୁବନ୍ଧ ୫ ପଞ୍ଚାୟତର ଲୋକଙ୍କ ପ୍ରତି କିଭଳି ଅଣଦେଖା କରିବି ବୋଲି ସେ କହିଛନ୍ତି। କମ୍ପାନୀର କୌଣସି ବିଚାରର ବିପକ୍ଷ କିମ୍ବା ସପକ୍ଷରେ ମୁଁ ନାହିଁ । ସ୍ଥାନୀୟ ଲୋକେ ଲୋକ ପ୍ରତିନିଧି ଭାବେ ବାଛିଥିବାରୁ ମୋର ସେମାନଙ୍କ ପ୍ରତି ସହଯୋଗ ରହିବା ସହ ଅଞ୍ଚଳବାସୀ ଯାହା ବିଚାର କରିବେ ସେଥିରେ ମୋର ପୂର୍ଣ୍ଣ ସହମତ ରହିବ । ଅଞ୍ଚଳର ଉନ୍ନତି ପାଇଁ କୌଣସି କମ୍ପାନୀ ବିଚାର କରିବା ଓ ତାହାକୁ ଅଞ୍ଚଳବାସୀ ଯଦି ନ ଚାହିଁବେ, ତେବେ ତାର ନିଜସ୍ୱ ବିଚାରକୁ ବାଦ ଦିଆଯିବ। ଏଭଳି ମିଥ୍ୟା ଅପପ୍ରଚାର କରୁଥିବା ଲୋକଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

■ ଲୋପ ପାଉଛି ଆଦିବାସୀଙ୍କ ପର୍ବ ପୁଷ୍ ପୂନେଇଁ

## ବଞ୍ଚେଇ ରଖିବାକୁ ଅଣ୍ଟା ଭିଡ଼ିଲେ କଳାକାର

ଜୟପୁର,୬।୧ (ଡି.ଏନ.ଏ)

ଅବିଭକ୍ତ କୋରାପୁଟ ଜିଲାର ଆଦିବାସୀମାନଙ୍କ ପ୍ରସିଦ୍ଧ ପର୍ବ ହେଉଛି ପୁଷ୍ ପୂନେଇଁ(ପୌଷ ପୂର୍ଣ୍ଣିମା) । ଗ୍ରାମାଞ୍ଚଳରେ ଆଦିବାସୀ ସମ୍ପ୍ରଦାୟର ଲୋକେ ଏହାକୁ ପାଳନ କରୁଥିଲେ ସୁଦ୍ଧା ସହରାଞ୍ଚଳରେ ଏହା ଧୀରେ ଧୀରେ ଲୋପ ପାଇବାକୁ ବସିଛି । ତେଣୁ ଆଦିବାସୀ ଏହି ପର୍ବକୁ ବଞ୍ଚେଇ ରଖିବା ଓ ପାଳନ ନିମନ୍ତେ ଜୟପୁର ସହରର କଳାକାରମାନେ ଅଣ୍ଟା ଭିଡ଼ିଛନ୍ତି । ଲୁପ୍ତାୟିତ ହେଉଥିବା ପର୍ବ ଓ ପରମ୍ପରାକୁ ପ୍ରସାର ପ୍ରଚାର ପାଇଁ ଆଗକୁ ଆସିଥିବା କଳାକାରଙ୍କୁ ବିଧାୟକ ତାରା ପ୍ରସାଦ ବାହିନୀପତି ସମସ୍ତ ସମର୍ଥନ ଓ ସହାୟତାର ହାତ ବଢାଇଛନ୍ତି । ଏହି ପର୍ବକୁ ପାଳନ ନିମନ୍ତେ ଗତ ରବିବାର ସନ୍ଧ୍ୟାରେ ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଜୟପୁର ସହରର ବରିଷ୍ଠ କଳାକାର ଧୀରେନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଧାୟକ ବାହିନୀପତି ଯୋଗ ଦେଇ ଏହା ପାଳନ ନିମନ୍ତେ କଳାକାରଙ୍କ ନିଷ୍ପତ୍ତିକୁ ସମର୍ଥନ ଜଣାଇବା ସହିତ ସମସ୍ତ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଆସନ୍ତା ୧୧ ତାରିଖ ସନ୍ଧ୍ୟାରେ ଜୟପୁର ସହର ଏବଂ ଗ୍ରାମାଞ୍ଚଳ କଳାକାରମାନେ ଦେହରେ ରଙ୍ଗ ଲଗାଇ ବିଭିନ୍ନ ବେଶ, ପୌରାଣିକ ଦେବଦେବୀ ଏବଂ ରାକ୍ଷସ ବେଶ, କୌତୁକିଆ ପୋଷାକ ପ୍ରଭୃତି ଧାରଣ କରିବେ । ଏହି ବେଶଭୂଷା ସଜ୍ଜିତ କଳାକାରଙ୍କ ଦ୍ୱାରା ଏକ ଶୋଭାଯାତ୍ରା ଅପରାହ୍ନରେ ସରକାରୀ ବସଷ୍ଟାଣ୍ଡ ଛକଠାରୁ ବାହାରି ରଥପଡିଆ ଛକ ପର୍ଯ୍ୟନ୍ତ ଯିବ । ସେଠାରେ ଏକ ଖୋଲାମଞ୍ଚରେ ପୁଷ୍ ପୂନେଇଁ ଆଦିବାସୀ ଗୀତରେ ନୃତ୍ୟ ଓ ନାଟକ ପରିବେଶଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ଏହି ବୈଠକରେ ଅହମ୍ମଦ ହୁସେନ, ଗୋପାଳ ସାମନ୍ତରା, ଆତ୍ମାନନ୍ଦ ନାୟକ, ସୁଧାକର ପଟ୍ଟନାୟକ, ମହମ୍ମଦ ସରିଫ, ପ୍ରଶାନ୍ତ ମିଶ୍ର, ମୁରଲୀ ପଟ୍ଟନାୟକ, ରାମନାଥ ତ୍ରିପାଠୀ, ମୁରୀଲ ମହାପାତ୍ର, କମଳାକାନ୍ତ ରଥ, ଉମାକାନ୍ତ ମହାରଣା, ଗୁପ୍ତ ପାଣିଗ୍ରାହୀ, ମନୋଜ ପାତ୍ର, ବୁଲୁ ଷଡଙ୍ଗୀ, ମମତା ବେହେରା, ପଦ୍ମିନୀ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ ।



ବିଧାୟକଙ୍କ ସହ କଳାକାରମାନେ ।

## ଆଳୁ କିଲୋ ୩୦, ଖାଉଟିଙ୍କ ମୁଣ୍ଡରେ ଚଡ଼କ

ଜୟପୁର, ୬।୧ (ନି.ପ୍ର): ପିଆଜ ପରେ ଏବେ ଜୟପୁରରେ ଆଳୁ ଦର ବୃଦ୍ଧି ପାଇଛି । ଏହା ଗରିବ ଖାଉଟିଙ୍କ ମୁଣ୍ଡରେ ଚଡ଼କ ସଦୃଶ । ସହରରେ ପିଆଜ କିଲୋ ୬୦ ଟଙ୍କାରେ ବିକ୍ରି କରାଯାଉଥିବା ବେଳେ ଆଳୁ କିଲୋ ୩୦ ଟଙ୍କାରେ ପହଞ୍ଚିଛି । ୨ ଦିନ ତଳେ ଖୁଚୁରା ବଜାରରେ ଆଳୁ ୨୫ ଟଙ୍କା ଥିବା ବେଳେ ସୋମବାର ଆଳୁ କିଲୋ ୩୦ ଟଙ୍କାକୁ ବୃଦ୍ଧି ପାଇଛି । ପୂର୍ବରୁ ପନିପରିବା ଦର ଆକାଶଛୁଆଁ ଥିବାବେଳେ ଏବେ ଆଳୁ ଦର ଖାଉଟିଙ୍କ ପାଇଁ ଘୋର ସମସ୍ୟା ସୃଷ୍ଟି କରିଛି । ଅଦିନିଆ ବର୍ଷା ଯୋଗୁ ପଶ୍ଚିମବଙ୍ଗରୁ ଆଳୁ ଆସୁ ନ ଥିବା ଜଣାଯାଇଛି । ବଜାରକୁ ନୂଆ ଆଳୁ ଆସିଲେ ଏହାର ଦର ପୁଣି ସ୍ୱାଭାବିକ ହେବ ବୋଲି ବ୍ୟବସାୟୀମାନେ ଆଶା ପ୍ରକଟ କରିଛନ୍ତି । ଏନେଇ ସହକାରୀ ଯୋଗାଣ ଅଧିକାରୀ ରବି ନାରାୟଣ ନନ୍ଦଙ୍କୁ ପଚାରିବାରୁ , ବଜାରରେ ଚଡାଉ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ସ୍ୱାମୀ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9650446732 9990987786

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ-୭୫୩୦୧୦
ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍, ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ମେସର୍ସ ଷ୍ଟେଟ୍ ପଲି ପ୍ଲାଷ୍ଟ ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ୱାଧିକାରୀ: ଶ୍ରୀ ସନ୍ୟାସୀ ସାହୁ, ପିତା: ✓ କାଳନ୍ଦୀ ଚରଣ ସାହୁ, ସା/ପୋ: ଅଲବଗା, ଭାୟା: ଏଡ଼ତାଳ, ଥାନା: ବାସୁଦେବପୁର, ଭଦ୍ରକ, ଓଡ଼ିଶା | ସମ୍ପତ୍ତି ମାଲିକ: ✓ କାଳନ୍ଦି ଚରଣ ସାହୁ | ✓ କାଳନ୍ଦୀ ଚରଣ ସାହୁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଲବଗା, ଥାନା: ବାସୁଦେବପୁର, ଖାତା ନଂ.: ୮୪, ପ୍ଲଟ୍ ନଂ.: ୧୧୮୬, କ୍ଷେତ୍ର: ଏକର୨.୨୦ଡିସିମିଲି ଏବଂ ଖାତା ନଂ.: ୫୯୫/୧୮୫, ପ୍ଲଟ୍ ନଂ.: ୧୨୬୩, କ୍ଷେତ୍ର: ଏକର୦.୫୬ଡିସିମିଲି, କିସମ: ଘରବାରୀ | ୨୬.୦୬.୨୦୧୯ | ୦୪.୦୧.୨୦୨୦ | ଟ.୩୫,୮୭,୩୦୫/- + ୨୬.୦୬.୨୦୧୯ ଠାରୁ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୦୬.୦୧.୨୦୨୦, ସ୍ଥାନ: କଟକ
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ




# ବିଡିଓଙ୍କ ଅବହେଳା: ୪୦ ହିତାଧିକାରୀ ଭତ୍ତାରୁ ବଞ୍ଚିତ

- ଜିଲାପାଳଙ୍କୁ ଜଣାଇଲେ ସରପଞ୍ଚ
- ୩ଥର ପିଇଓ ଲେଖିଥିଲେ ଚିଠି
- ସବୁ ତଥ୍ୟ ଥାଇ ଗୁରୁତ୍ୱ ଦେଉ ନ ଥିଲେ ବିଡିଓ
- ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦେବ ରିପୋର୍ଟ

ମାଲକାନଗିରି,୬।୧(ଡି.ଏନ୍.ଏ.)

ରାଜ୍ୟ ସରକାର ବୟସ୍କ, ବିଧବା, ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ସାମାଜିକ ସୁରକ୍ଷା ବ୍ୟବସ୍ଥା କରି ସେମାନଙ୍କ ପାଇଁ ଭତ୍ତା ବ୍ୟବସ୍ଥା କରିଛନ୍ତି। ମାତ୍ର କେତେକ କ୍ଷେତ୍ରରେ ସେମାନେ ଏହା ପାଇବାରୁ ବଞ୍ଚିତ ହେଉଛନ୍ତି। ବିଡିଓଙ୍କ ଅବହେଳା ଯୋଗୁ ଗୋରାଖୁଣ୍ଟା ପଞ୍ଚାୟତର ୩ଟି ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଦୀର୍ଘ ବର୍ଷ ହେଲା ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ସରପଞ୍ଚ ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଅଭିଯୋଗ କରିଛନ୍ତି। ଗୋରାଖୁଣ୍ଟା ସରପଞ୍ଚ ଏରା ପଡିଆମିକହିଛନ୍ତି ଯେ, ପୂର୍ବରୁ ତାଙ୍କ ପଞ୍ଚାୟତ କୋରୁକୋଣ୍ଡା ବ୍ଲକ ଅଧୀନରେ ଥିଲା। ଫଳରେ ବ୍ଲକର ୧୧ଟି ଗ୍ରାମର ଲୋକେ ଭତ୍ତା ତଥା ଅନ୍ୟାନ୍ୟ କାର୍ଯ୍ୟପାଇଁ ଦୀର୍ଘ ୪୦ କିଲୋମିଟର ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ପଡୁଥିଲା। ମାତ୍ର ପୁନଃଗଠନ ପରେ ଗୋରାଖଣ୍ଟା ପଞ୍ଚାୟତ ମାଲକାନଗିରି ବ୍ଲକ ଅଧୀନକୁ ଆସିଛି। ଫଳରେ ପଞ୍ଚାୟତବାସୀ ମାତ୍ର ୧୫ କିଲୋମିଟର ଦୂର ମାଲକାନଗିରି ବ୍ଲକକୁ ଯାଇ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରଶାସନକୁ ଅବଗତ କରି ଭତ୍ତା ଆଦି ଆଣିପାରିବେ ବୋଲି ଆଶା ରଖିଥିଲେ। ମାତ୍ର ଗୋରାଖୁଣ୍ଟା ପଞ୍ଚାୟତର ଏମ୍‌ଭି-୨୦, ଏମ୍‌ଭି-୨୧, କୃସୁବାଡା, ପନାରଗୁଡା ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ସେମାନଙ୍କ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ସମ୍ପୃକ୍ତ ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଏ ସମ୍ପର୍କରେ ବିଡିଓଙ୍କୁ ୨୨।୧୦।୨୦୧୯, ୨୪।୧୦।୨୦୧୯ ଓ ୨୩।୧୧।୨୦୧୯ରେ ଚିଠି ମାଧ୍ୟମରେ ସମ୍ପୃକ୍ତ ହିତାଧିକାରୀଙ୍କ ସମ୍ପର୍କରେ ଜଣାଇଥିଲେ। ହିତାଧିକାରୀଙ୍କ ନାମ ବୟସ, କେଉଁ ଯୋଜନାରେ ଅନ୍ତର୍ଭୁକ୍ତ ଆଦି ସମସ୍ତ ତଥ୍ୟ ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେମାନଙ୍କ ଭତ୍ତା ହୋଇନାହିଁ ବୋଲି ସରପଞ୍ଚ ପଡିଆମି କହିଛନ୍ତି। ଶେଷରେ ସେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଜିଲା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଉପଖଣ୍ଡୀୟ ଅଧିକାରୀ ପଦ୍ମରଞ୍ଜନ ଦାସଙ୍କୁ ହସ୍ତାନ୍ତର କରାଯାଇଛି। ଦାସ ଅଭିଯୋଗ ପାଇବା ପରେ କହିଛନ୍ତି ଯେ, ଅଭିଯୋଗ ଜିଲା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଜିଲା ଅଧିକାରୀଙ୍କ ନିକଟକୁ ପଠାଯାଇଛି। ତଦନ୍ତ କରି ରିପୋର୍ଟ ଦେବାକୁ ତାଙ୍କୁ କୁହାଯାଇଛି। ରିପୋର୍ଟ ଆସିବା ପରେ ହିତାଧିକାରୀଙ୍କୁ ଯୋଜନା ଅନୁଯାୟୀ ସେମାନଙ୍କର ଭତ୍ତା ପ୍ରଦାନ କରାଯିବ।

# ମାନସିକ ବିକାରଗ୍ରସ୍ତ ୨ ମହିଳାଙ୍କୁ ସରକାରୀ ସହାୟତା ଦାବି


ଅଞ୍ଜଳି ହାଲଦାର


ସବିତାରାଣୀ

କାଳିମେଳା,୬।୧(ଡି.ଏନ.ଏ.)- ମାଲକାନଗିରି ଜିଲା କାଳିମେଳା ବ୍ଲକ ଅନ୍ତର୍ଗତ ଏମଭି-୬୩ ଗ୍ରାମର ୨ ଜଣ ମହିଳା ମାନସିକ ବିକାରଗସ୍ତ ହୋଇ ବିଭିନ୍ନ ସ୍ଥାନରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବି ହେଉଛି। ଏମଭି-୬୩ ଗ୍ରାମର ସୁଶିଲ ଦାସଙ୍କ ସ୍ତ୍ରୀ ସବିତାରାଣୀ ଦାସ ଓ ଶରତ ହାଲଦାରଙ୍କ ସ୍ତ୍ରୀ ଅଞ୍ଜଳି ହାଲଦାର ଆଜକୁ ଦୀର୍ଘ ବର୍ଷ ଧରି ମାନସିକ ବିକାରଗସ୍ତ ହୋଇପଡିଛନ୍ତି। ପରିବାର ଲୋକେ ସେମାନଙ୍କୁ ଚିକିତ୍ସା କରି ବହୁ ଅର୍ଥ ଖର୍ଚ୍ଚ କରିସାରିଲେଣି, ମାତ୍ର ସବିତା ଏବଂ ଅଞ୍ଜଳିଙ୍କ କୌଣସି ଉନ୍ନତି ହୋଇନାହିଁ। ସବିତା ମାଲକାନଗିରି ସଦର ମେଡିକାଲ ଓ ବିଶାଖାପାଟଣାରେ ଚିକିତ୍ସିତ ହୋଇଥିବା ବେଳେ ଅଞ୍ଜଳି ନାଗପୁର,ବିଶାଖାପାଟଣା ପରେ ଏବେ ମାଲକାନଗିରିରେ ଚିକିତ୍ସିତ ହେଉଛନ୍ତି। ଏହି ଦୁଇ ପରିବାର ଅତି ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କ ଚିକିତ୍ସା ପାଇଁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ଏପର୍ଯ୍ୟନ୍ତ ଏହି ୨ ମହିଳାଙ୍କ ଭତ୍ତା ହୋଇନାହିଁ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।




# ଧରିତ୍ରୀ ପ୍ରଭାବ : କେନାଲରେ ପାଣି ଛାଡିଲା ପ୍ରଶାସନ

ମାଲକାନଗିରି, ୬।୧(ସ୍ୱ.ପ୍ର.)- ମାଲକାନଗିରି ଜିଲାରେ ଧାନକଟା ସରିବା ପରେ ଚାଷୀମାନେ ରବି ଫସଲ ପାଇଁ ପ୍ରସ୍ତୁତ ହୋଇଥାନ୍ତି। ମାତ୍ର ପ୍ରତିବର୍ଷ ଭଳି ଡିସେମ୍ବର ଦ୍ୱିତୀୟ ସପ୍ତାହରେ କେନାଲରେ ପାଣି ଛଡା ନ ଯିବା ଯୋଗୁ ଚଳିତବର୍ଷ ରବି ଫସଲ ପାଇଁ ଚାଷୀ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଗତ ୨ରେ ଚାଷୀ ସଙ୍ଗଠନଗୁଡିକ ଜିଲା କୃଷି ଅଧିକାରୀ, ଜଳସେଚନ ବିଭାଗ କର୍ତ୍ତୃପକ୍ଷଙ୍କୁ ଭେଟି ତୁରନ୍ତ କେନାଲରେ ପାଣି ଛାଡିବା ପାଇଁ ଦାବି କରିଥିଲେ। ପାଣି ଛାଡିଲେ ସେମାନେ ବାଦାମ, ପନିପରିବା ଏବଂ ଡାଲି ଜାତୀୟ ଶସ୍ୟ ଚାଷ କରିବେ ବୋଲି ପ୍ରକାଶ କରିଥିଲେ। ଏହି ଖବର ଗତ ୨ ତାରିଖ ଧରିତ୍ରୀରେ ପ୍ରକାଶ ପାଇବା ପରେ ସୋମବାର ସତୀଗୁଡା ଜଳଭଣ୍ଡାରରୁ ଦକ୍ଷିଣ ପାର୍ଶ୍ୱ କେନାଲରେ ପାଣି ଛଡାଯାଇଛି। ଏନେଇ ସତୀଗୁଡା ଜଳସେଚନ ବିଭାଗ ନିର୍ବାହୀଯନ୍ତ୍ରୀ ଶତ୍ରୁଘ୍ନ ସାହୁ ସୂଚନା ଦେଇଛନ୍ତି। କେନାଲରେ ପାଣି ଛଡାଯିବା ଜାଣିବା ପରେ ଚାଷୀଙ୍କ ମନରେ ଖୁସି ପ୍ରକାଶ ପାଇଛି।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ



ପରର ମଙ୍ଗଳ କରିବା ସବୁଠାରୁ ବଡ଼ ଧର୍ମ।
ଅନ୍ୟକୁ କଷ୍ଟ ଦେବା ସବୁଠାରୁ ବଡ଼ ପାପ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ହିତାଧିକାରୀଙ୍କୁ ଘରପଟ୍ଟା, ଟ୍ରାଇ ସାଇକେଲ



ଗୁଣପୁର,୬।୧(ଡି.ଏନ୍.ଏ): ରାୟଗଡା ଜିଲା ଗୁଣପୁର ପୌର ପରିଷଦରେ ସୋମବାର ଘରପଟ୍ଟା ଏବଂ ଟ୍ରାଇ ସାଇକେଲ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ପଟ୍ଟା ଏବଂ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ। ଉପଜିଲାପାଳ ତଥା ପୌର ପ୍ରଶାସକ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ଏବଂ ପୌର ନିର୍ବାହୀ ଅଧିକାରୀ ଉମା ପ୍ରସାଦ ଦାସ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୫୩ ଜଣଙ୍କୁ ଘର ପଟ୍ଟା ଏବଂ ୨ ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି। ଏହି ଅବସରରେ ପୌରସଂସ୍ଥାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ଚାଲାଣ ବେଳେ ୪ ନାବାଳକ ଉଦ୍ଧାର

କଲ୍ୟାଣସିଂହପୁର, ୬।୧(ଡି.ଏନ୍.ଏ.): ଦାଦନ ଖଟିବାକୁ ଯାଉଥିବା ୪ଜଣ ନାବାଳକଙ୍କୁ କଲ୍ୟାଣସିଂହପୁର ପୋଲିସ ଉଦ୍ଧାର କରିଛି। ଏଥିରେ ସାମିଲ ଦଲାଲ ବଳରାମ ଜେନାଙ୍କୁ କୋର୍ଟ ଚାଲାଣ କରାଯାଇଛି। ତାଙ୍କ ଘର କେନ୍ଦୁଝର ଜିଲାରେ। ପ୍ରକାଶଯେ, ଶିକରପାଇରୁ ବସ୍ ଯୋଗେ ଜଣେ ଦଲାଲ ୪ ଜଣ ନାବାଳକଙ୍କୁ ଦାଦନ ଖଟାଇବା ପାଇଁ ତାମିଲନାଡୁ ନେଇ ଯାଉଥିବା ପୋଲିସ ଖବର ପାଇ ସେଠାରେ ପହଞ୍ଚି ଥିଲା। ବଳରାମ ନାବାଳକମାନଙ୍କୁ ନେଇ ବସ୍‌ରେ ଚଢିବା ପରେ ପୋଲିସ ସେମାନଙ୍କୁ କାବୁ କରିଥିଲା। ଉଦ୍ଧାର ନାବାଳକଙ୍କ ଘର କାଶୀପୁର ଅଞ୍ଚଳରେ ବୋଲି ସୂଚନା ମିଳିଛି। ୪/୨୦ରେ ମାମଲା ରୁଜୁ କରାଯାଇଛି। ଚଢାଉରେ କଲ୍ୟାଣସିଂହପୁର ଥାନା ସବ୍‌ଇନ୍ସପେକ୍ଟର ଦିପ୍ତୀରଞ୍ଜନ ସାହୁ,ଇନ୍ସପେକ୍ଟର କୃତ୍ତିବାସ ହରିଚନ୍ଦନ ସାମିଲ ଥିଲେ ବୋଲି ଥାନାଧିକାରୀ ସୁକୁମା ହଁସଦା କହିଛନ୍ତି।

### ଏକାଦଶୀ ଉପଲକ୍ଷେ ତୁଳସୀ ପୂଜା



ଗୁଣପୁର,୬।୧(ଡି.ଏନ୍.ଏ.): ବୈକ ଏକାଦଶୀ ଉପଲକ୍ଷେ ସୋମବାର ରାୟଗଡା ଜିଲା ଗୁଣପୁର ଭେଙ୍କଟେଶ୍ୱର ମନ୍ଦିରରେ ତେଲୁଗୁ ସମ୍ପ୍ରଦାୟଙ୍କ ପକ୍ଷରୁ ସ୍ୱତନ୍ତ୍ର ପୂଜା କରାଯାଇଛି। ମହିଳାମାନେ ତୁଳସୀ ପୂଜା କରିଥିଲେ। ଭେଙ୍କେଟେଶ୍ୱର ଠାକୁରଙ୍କ ରୂପାର ପାଦ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

---

■ ୧୮ ଘଣ୍ଟା ପଡ଼ିରହିଲା ମୃତଦେହ

# ଧାରଣା ପରେ ହେଲା ବ୍ୟବଚ୍ଛେଦ

ରାୟଗଡ଼ା ଅଫିସ,୬।୧




ମୃତକଙ୍କ ପରିବାର, ସରପଞ୍ଚ ଓ ଗ୍ରାମବାସୀ ଧାରଣାରେ ବସିଛନ୍ତି।

ଚିକିତ୍ସାଳୟରେ ୧୮ଘଣ୍ଟା ପଡିରହିଲା ମୃତଦେହ। ମୃତକଙ୍କ ପରିବାର ଓ ସରପଞ୍ଚ ଧାରଣା ଦେବା ପରେ ମୃତଦେହ ବ୍ୟବଚ୍ଛେଦ ହୋଇଥିଲା। ସୋମବାର ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହି ଘଟଣା ଘଟିଛି।

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ କୁର୍ଲୀ ପଞ୍ଚାୟତ କୁର୍ଲୀଗୁଡ଼ାର ପ୍ରସାଦ କିଲାକା (୩୦) ପାରିବାରିକ କଳହରୁ ରବିବାର କୀଟନାଶକ ପିଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରାୟ ୧୧ଟା ବେଳକୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କିନ୍ତୁ ମୃତଦେହ ବ୍ୟବଚ୍ଛେଦ କରିବାରେ ଡାକ୍ତରଖାନା କର୍ତ୍ତୃପକ୍ଷ ବିଳମ୍ବ କରିଥିଲେ। ପୋଲିସ ମଧ ଡାକ୍ତରଖାନାରେ ବିଳମ୍ବରେ ପହଞ୍ଚି ଥିଲା। ରାତି ହୋଇ ଯାଇଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇ ପାରି ନ ଥିଲା। ଏଥିରେ ଅତିଷ୍ଠ ହୋଇ ସୋମବାର ସକାଳେ କୁର୍ଲୀ ସରପଞ୍ଚ ହରପ୍ରସାଦ ହେପ୍ରୁକାଙ୍କ ନେତୃତ୍ୱରେ ମୃତକଙ୍କ ପରିବାର ଓ ଗ୍ରାମବାସୀ ଧାରଣାରେ ବସିଥିଲେ। ଭବିଷ୍ୟତରେ ଏଭଳି ନ କରିବାକୁ ସେମାନେ ଦାବି କରିଥିଲେ। ଏହାପରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଏପରି ଅବ୍ୟବସ୍ଥା ଆଗକୁ ହେବନାହିଁ ବୋଲି ସିଡିଏମ୍‌ଓ ଆର୍ତ୍ତବନ୍ଧୁ ନାୟକ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣାରୁ ଓହରିଥିଲେ।

---

■ ପ୍ରକାଶ ପାଇଲା ଓଏଏସ୍ ପରୀକ୍ଷାଫଳ

# ୧୦ ନମ୍ବର ସ୍ଥାନରେ ରାୟଗଡ଼ାର ସ୍ୱର୍ଣିକା

ରାୟଗଡ଼ା ଅଫିସ, ୬।୧



ସୋମବାର ଓଏଏସ୍ ପରିକ୍ଷା ଫଳ ପ୍ରକାଶ ପାଇଛି। ରାୟଗଡ଼ାର ୩ଜଣ ଏଥିରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ରାୟଗଡ଼ାର ମନ୍ମଥ ତୁଳଙ୍କ ଝିଅ ସ୍ୱର୍ଣିକା ଓଏଏସ୍ ପରୀକ୍ଷାରେ ୧୦ମ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି କାଶୀପୁରର ଉମାଶଙ୍କର ମାଝି,(୨୧୬) ଓ ଜ୍ଞାନ ରଞ୍ଜନ ମାଝି(୧୩୭)ର୍‌ୟାଙ୍କରେ ରହିଛନ୍ତି। ରାୟଗଡ଼ାର କପୋରେଟିଭ କଲୋନୀ ଦ୍ୱିତୀୟ ଲେନ୍‌ରେ ରହୁଥିବା ସ୍ୱର୍ଣିକା ପିଲାଟି ବେଳୁ ଆଦିବାସୀ ପଛୁଆ ବର୍ଗ ଲୋକଙ୍କ ପାଇଁ କାର୍ଯ୍ୟ କରିବାକୁ ଇଚ୍ଛା ଥିଲା ବୋଲି କହିଛନ୍ତି। ସେମାନଙ୍କ ଭାଷା, ସଂସ୍କୃତି ଓ ଜୀବନଶୈଳୀ ଉନ୍ନତ କରିବାକୁ ଲକ୍ଷ୍ୟ ରଖିଛି ବୋଲି ସେ କହିଛନ୍ତି। ତେଣୁ ଓଏଏସ୍ ହେବାକୁ ସେ ସ୍ଥିର କରିଥିଲେ ବୋଲି ସ୍ୱର୍ଣିକା କହିଛନ୍ତି। ଶିକ୍ଷକମାନଙ୍କଠାରୁ ଏଥିପାଇଁ ପ୍ରେରଣା ମିଳିଛି।

# ଟ୍ରାକ୍ଟର ଓଲଟି ଜଣେ ମୃତ

ଗୁଣପୁର,୬।୧(ଡି.ଏନ୍.ଏ.)

ରାୟଗଡା ଜିଲା ରାମନାଗୁଡା ବ୍ଲକ ଝାର୍ଲିଂଗୁଡା ଗ୍ରାମ ନିକଟରେ ଏକ ଟ୍ରାକ୍ଟର ଓଲଟି ପଡିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଜଣଙ୍କ ହେଲେ ଭାଗିରଥୀ ଉଲ୍ଲାକା। ତାଙ୍କ ଘର ଗଗୁପାଡୁ ପଞ୍ଚାୟତ ଅଧୀନ ଶିକ୍କା ଗ୍ରାମରେ। ଭାଗିରଥୀ ଗୋଟିଏ ଖଳାରେ କାମ ସାରି ଅନ୍ୟ ଏକ ଖଳାକୁ କାମ କରିବାକୁ ଯାଉଥିଲେ। ଧାନକଟା ମେସିନ ନେଉ ଯାଉଥିବା ଟ୍ରାକ୍ଟରଟି ତାଙ୍କ ଉପରେ ଓଲଟି ପଡିଥିଲା। ଗୁରୁତର ଅବସ୍ଥାରେ ଭାଗିରଥୀଙ୍କୁ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲ। ଚିକିତ୍ସାଧୀନ ଅବସ୍ଥାରେ ଭାଗିରଥୀଙ୍କ ମୃତ୍ୟୁ ହୋଇ ଯାଇଥିଲା।

---

■ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

# ୮ଟା ୩୦ରେ ହେବ ପତାକା ଉତ୍ତୋଳନ

ରାୟଗଡ଼ା ଅଫିସ, ୬।୧



ବୈଠକରେ ଜିଲାପାଳଙ୍କ ସହ ଅନ୍ୟମାନେ।

ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ସ୍ଥାନୀୟ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ସୋମବାର ଏକ ପ୍ରସ୍ତୁତି ବୈଠକ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଚଇତି ପଡିଆରେ ପଡିଥିବା ଆବର୍ଜନାକୁ ଶନିବାର ପ୍ରଶାସନ ପକ୍ଷରୁ ସଫେଇ କରାଯିବ। ଜିସିଡ଼ି ପଡିଆରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ। ଏଥିପାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। ୮.୩୦ରେ ସେଠାରେ ପତାକା ଉତୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ୭.୩୦ରୁ ୮ ଟା ମଧ୍ୟରେ ପତାକା ଉତୋଳନ ଶେଷ କରିବାକୁ ବୈଠକରେ ଆଲୋଚନା ହୋଇଛି। ପ୍ରଶାସନ ପକ୍ଷରୁ ବିଭିନ୍ନ ବୀରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସ୍କୁଲ କଲେଜରେ ସାଧାରଣତନ୍ତ୍ର ଦିବସ ପାଇଁ ପ୍ରତିଯୋଗିତାମାନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଛି। ବିଭିନ୍ନ ସ୍କୁଲ , କଲେଜର ଏନ୍‌ସିସି, ସିଆରପିଏଫ୍, ବିଏସ୍‌ଏଫ୍‌ଙ୍କୁ ପରେଡ ପାଇଁ ପ୍ରସ୍ତୁତ ହେବାକୁ କୁହାଯାଇଛି। ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶୀତ ହେବ। ଏଥିରେ ନୂତନ ଭାବେ ଓଡ଼ିଶୀ ନୃତ୍ୟକୁ ସ୍ଥାନ ଦିଆଯିବ। ବୈଠକରେ ଜିଲାପାଳଙ୍କ ସମେତ ଏସ୍‌ପି ସର୍ବଣା ବିବେକ ଏମ୍, ବିଧାୟକ ମକରନ୍ଦ ମୁଦୁଲି, ଉପ ଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଡିଆର୍‌ଡିଏ ପିଡି ଅମ୍ରିତ ଋତୁରାଜ, ବିଜେଡ଼ି ଜିଲା ସଭାପତି ଲାଲ ବିହାରୀ ହିମିରୀକା, ପିଏ ଆଇଟିଡ଼ିଏ ଟୁକୁ ବାରିକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# କଲେଜ ଛାତ୍ରୀଛାତ୍ରଙ୍କୁ ଡିଟିଏଚ୍ ତାଲିମ

ଗୁଡାରୀ,୬।୧(ଡି.ଏନ୍.ଏ.)

ଛାତ୍ରୀଛାତ୍ରଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ଗୁଡାରୀ ଡିଗ୍ରୀ କଲେଜ ପରିସରରେ ସୋମବାରଠାରୁ ଏକ ୧୨ଦିନନିଆ ତାଲିମ କର୍ମଶାଳା ଆରମ୍ଭ ହୋଇଛି। ଅଧ୍ୟକ୍ଷ ଅମୂଲ୍ୟ ପ୍ରଧାନ ଏହାର ଶୁଭାରମ୍ଭ କରିଛନ୍ତି। ଏଥିରେ ଛାତ୍ରୀଛାତ୍ରଙ୍କୁ ଡାଇରେକ୍ଟ ଟୁ ହୋମ୍ (ଡିଟିଏଚ୍) କ୍ଷେତ୍ରରେ ସମସ୍ତ ପ୍ରକାର ତାଲିମ ଦିଆଯାଉଛି ବୋଲି ତାଲିମ ପ୍ରଦାନ ଅଧିକାରୀ ରଘୁନାଥ ସାହୁ କହିଛନ୍ତି। ଭୁବନେଶ୍ୱରର ସେଣ୍ଟ୍ରାଲ ଟୁଲ ରୁମ ଆଣ୍ଡ ଟ୍ରେନିଂ ସେଣ୍ଟର ନାମକ ଏକ ସଂସ୍ଥା ଛାତ୍ରୀଛାତ୍ରଙ୍କୁ ଏହି ତାଲିମ ଦେଉଛି। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ତଥା ବର୍ତ୍ତମାନ ଗାଁ ଗହଳିରେ ଡିଟିଏଚ୍‌ର ଚାହିଦା ରହିଛି। ତେଣୁ ଏହି ତାଲିମ ଛାତ୍ରୀଛାତ୍ରଙ୍କ ପାଇଁ ଆୟ ପନ୍ଥା ସୃଷ୍ଟି କରିବ ବୋଲି ସଂସ୍ଥାର ଲିପକ ପଟ୍ଟନାୟକ କହିଛନ୍ତି। ଅଜୟ ପାତ୍ର ଓ ତାରା ପ୍ରସାଦ ବେହେରା ପ୍ରମୁଖ ତାଲିମ ପ୍ରଦାନ କରିବେ। ପ୍ରଥମ ପର୍ଯ୍ୟାୟରେ ୨୦୭ ଜଣଙ୍କୁ ଏହି ତାଲିମ ଦିଆଯାଉଛି।

# ଦେବଦଳାଗୁଡ଼ାରେ ଭୂତଳ ରାସ୍ତା ନିର୍ମାଣ ଦାବି



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା କୁମୁଟପେଡା ପଞ୍ଚାୟତବାସୀ।

ରାୟଗଡ଼ା ଅଫିସ, ୬।୧

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ କୁମୁଟଲପେଟା ପଞ୍ଚାୟତ ଦେବଦଳାଗୁଡ଼ାରେ ଯାଇଥିବା ରେଳ ଧାରଣା ନିକଟରେ ଏକ ଭୂତଳ ରାସ୍ତା ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଏ ନେଇ ରାୟଗଡ଼ା ଜିଲାପାଳ ପ୍ରମୋଦ ବେହେରାଙ୍କ ଜରିଆରେ ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ସେ ଦାବିପତ୍ର ଦେଇଛନ୍ତି। ରେଳଧାରଣା ନିକଟରେ ୫ଟି ଗାଁ ରହିଛି। ସେଠାରେ ଆରଡି ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ହୋଇଥିଲା, ଯାହା ମୁଖ୍ୟ ରାସ୍ତାକୁ ସଂଯୋଗ ମଧ କରିଥିଲା। ଏହା ଉପରେ ପ୍ରାୟ ୧୫ଶହରୁ ଉର୍ଦ୍ଧ୍ୱ ଲୋକେ ନିର୍ଭର କରନ୍ତି। କିନ୍ତୁ ୧୯୯୩ରେ ଲୋକେ ନ ଯିବା ପାଇଁ ରେଳଧାରଣା ଉପରେ ଏକ ମଣିଷବିହୀନ ଗେଟ ପକାଗଲା। ରେଳ ବିଭାଗ ପକ୍ଷରୁ ୨୦୦୩ ରେ ସେହି ଗେଟ ଆଗରେ ସିମେଣ୍ଟ ସ୍ତମ୍ଭ କରାଗଲା । ଫଳରେ ଉକ୍ତ ରାସ୍ତା ଦେଇ ଲୋକେ ଯା ଆସ କରିବା ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। ଗାଁକୁ ଯିବାକୁ ହେଲେ ସିଲିଗୁଡ଼ା ଦେଇ ପ୍ରାୟ ୧୦ରୁ ୧୨ କି.ମି. ବୁଲିବାକୁ ପଡୁଛି। ଜରୁରିକାଳୀନ ସମୟରେ ଟ୍ରେନ ଟ୍ରାକ୍ଟର ପାରି ହୋଇ ଯିବା ସମୟରେ ଅନେକ ସମୟରେ ଦୁର୍ଘଟଣା ଘଟୁଛି ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଏ ନେଇ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜିଲା ପରିଷଦ ସଭ୍ୟ ପି.ଗୌରୀଶଙ୍କର, କେ.ରୋହିଣୀ କୁମାରଙ୍କ ସହ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

---

■ ଗୁଣିଗାରେଡି ସନ୍ଦେହରେ ୩ ଜଣଙ୍କୁ ହତ୍ୟା ଘଟଣା

# ଦୋଷୀଙ୍କ ଫାଶୀ ଦଣ୍ଡାଦେଶ ବିଚାର ପାଇଁ ଜିଲା କୋର୍ଟକୁ ମାମଲା ସ୍ଥାନାନ୍ତର

ଗୁଣପୁର,୬।୧(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ବ୍ଲକ ଟଲଣା ପଞ୍ଚାୟତ କିଟୁଂ ଗ୍ରାମରେ ଗୁଣି ଗାରେଡି ସନ୍ଦେହରେ ୩ ଜଣଙ୍କୁ ହତ୍ୟା ଘଟଣାରେ ବିଚାରଣା ପାଇଁ ଜିଲା ଜଜ୍‌ଙ୍କ କୋର୍ଟକୁ ମାମଲା ସ୍ଥାନାନ୍ତର ହୋଇଛି। ଫାଶୀ ଦଣ୍ଡାଦେଶ ପାଇଥିବା ୯ ଜଣଅଭିଯୁକ୍ତଙ୍କୁ ସୋମବାର ଗୁଣପୁର ଏଡିଜେ ଅଜୟ କୁମାର ପ୍ରଧାନଙ୍କ ନିକଟରେ ହାଜର କରାଯାଇଥିଲା। ଦୋଷୀଙ୍କ ଫାଶୀ ଦଣ୍ଡାଦେଶ ବିଚାର ପାଇଁ ମାମଲାକୁ ଜିଲା କୋର୍ଟକୁ ସ୍ଥାନାନ୍ତର କରାଯିବା ନେଇ ସେ ରାୟ ପ୍ରକାଶ କରିଥିଲେ। ଏହାର ସମସ୍ତ ବିଚାରଣା ସେଠାରେ ହେବ ବୋଲି ସହକାର ଓକିଲ ଗଦାଧର ପଣ୍ଡା ସୂଚନା ଦେଇଛନ୍ତି। ପ୍ରକାଶଯେ,

ଅଭିଯୁକ୍ତ ଡେଙ୍ଗୁନ ଶବର, ଦଇଶ ଶବର, ଆଜନ୍ତ ଶବର, ପଡନ୍ତୁ ଶବର, ମାଲକୁ ଶବର, ଇରୁ ଶବର,ବୁବୁନା ଶବର, ଜାମାଶୁ ଶବର ଓ ଦଶନ୍ତ ଶବର ୨୦୧୬ ସେପ୍ଟେମ୍ବର ୯ତାରିଖରେ ଆସିନ ଶବର, ତାଙ୍କ ସ୍ତ୍ରୀ ଆମେୟ ଏବଂ ଦ୍ୱିତୀୟ ଝିଅ ଆସମାନିକୁ ହତ୍ୟା କରି ପୋତି ଦେଇଥିଲେ। ସେଠାରୁ ଦୁର୍ଗନ୍ଧ ବାହାରିବା ପରେ ଅଭିଯୁକ୍ତମାନେ ଧରା ପଡିବା ଭୟରେ ମୃତଦେହ ଗୁଡିକୁ ବାହାର କରି ପୋଡି ଦେଇଥିଲେ। ସେପ୍ଟେମ୍ବର୧୬ ତାରିଖରେ ପୁଟାସିଂ ଓ ଗୁଣପୁର ପୋଲିସ ଏ ନେଇ ଖବର ପାଇବା ପରେ ଗାଁରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ସାନ ଝିଅ ମେଲିତାଙ୍କ ବୟାନ ଏବଂ ଅଭିଯୋଗକୁ ଭିତ୍ତିକରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏହି ମାମଲାର ବିଚାର ଗୁଣପୁର ଏଡିଜେ କୋର୍ଟରେ ହୋଇଥିଲା। ଏଡିଜେ ଡ.ଶୁଭେନ୍ଦୁ କୁମାର ପତି ୯ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ। ପରେ ଏହି ମାମଲା ହାଇକୋର୍ଟକୁ ଯାଇଥିଲା। ଗତ ନଭେମ୍ବର ୫ ତାରିଖରେ ହାଇକୋର୍ଟ ଏହା ଉପରେ ଶୁଣାଣି କରି ଗୁଣପୁର ଏଡିଜେ କୋର୍ଟକୁ ପୁନଃ ବିଚାରଣା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ମାମଲା ଗୁଣପୁର କୋର୍ଟକୁ ପୁଣି ଥରେ ଆସିଥିଲା। ଏହି କ୍ରମରେ ସୋମବାର ୯ ଜଣ ଅଭିଯୁକ୍ତଙ୍କୁ ଯଥା ଏଡିଜେ କୋର୍ଟରେ ହାଜର କରାଯାଇଥିଲା।

---

■ ବେପରୁଆ ଗାଡ଼ିଚାଳନା ଯୋଗୁ ନଷ୍ଟ ହେଉଛି ଧନ ଜୀବନ

# ବର୍ଷକରେ ମଦ୍ୟପ ଚାଳକ ଦେଇଛନ୍ତି ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଜରିମାନା

ରାୟଗଡ଼ା ଅଫିସ, ୬।୧

ରାୟଗଡ଼ା ସହରରେ ଦିନକୁ ଦିନ ହାଲୁକା ଓ ଭାରିଯାନ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗାଡି ଚାଳକଙ୍କ ବେପରୁଆ ମନୋଭାବ ଯୋଗୁ ସହରରେ ଟ୍ରାଫିକ ସମସ୍ୟା ସହ ଦୁର୍ଘଟଣା ବଢିବାରେ ଲାଗିଛି। ସେମାନଙ୍କ ବେପରୁଆ ଗାଡିଚାଳନା ପାଇଁ ଧନ ଜୀବନ ନଷ୍ଟ ହେବାରେ ଲାଗିଛି।

ରାୟଗଡ଼ା ସହର ସହ ଜିଲାରେ ଥିବା ୪ ବଡ଼ ଶିଳ୍ପ ସଂସ୍ଥାକୁ ସହରର ମୁଖ୍ୟ ରାସ୍ତା ଦେଇ ଭାରିଯାନ ସବୁ ଯାଇଥାନ୍ତି। ଲୋକଙ୍କ ସୁବିଧା ପାଇଁ ସହର ମଧ୍ୟରେ ଥିବା ରାସ୍ତା ସବୁକୁ ପ୍ରଶସ୍ତୀକରଣ କରାଯାଉଛି। କିନ୍ତୁ ଗାଡି ଚାଳକମାନେ ବିଭିନ୍ନ ସମୟରେ ଟ୍ରାଫିକ ନିୟମ ସବୁ ଭଙ୍ଗ କରୁଛନ୍ତି। ଫଳରେ ଟ୍ରାଫିକ ସମସ୍ୟା, ଦୁର୍ଘଟଣା ଘଟୁଛି। ଟ୍ରାଫିକ ସମସ୍ୟା ଯୋଗୁ ସାଧାରଣ ଲୋକଙ୍କ ସମୟ ନଷ୍ଟ ହେଉଥିବା କେତେଜଣ ଅଭିଯୋଗ କରିଛନ୍ତି। ବେପରୁଆ ଗାଡ଼ିଚାଳନା ଯୋଗୁ ସହରର ସହରରେ ରିଂ ରୋଡ଼, ଗଜପତି ଛକ, ଷ୍ଟେଟ ବ୍ୟାଙ୍କ, ହନୁମାନ ମନ୍ଦିର ଛକରେ ପ୍ରାୟ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ସହର ମଧ୍ୟରେ ଦୁଇଚକିଆ, ହାଲୁକା ଚାରିଚକିଆ ଓ ଭାରିଯାନ ସବୁ ଘଣ୍ଟା ପ୍ରତି ୩୦ କିଲୋମିଟର ବେଗ ମଧ୍ୟରେ ଚଳାଇବା ନିୟମ ରହିଛି। ଏହାକୁ କିନ୍ତୁ ଅଧିକାଂଶ ଚାଳକ ମାନୁନାହାନ୍ତି। ସହରର ମୁଖ୍ୟ ସ୍ଥାନମାନଙ୍କରେ ଗାଡିର ବେଗ ମାପିବା ଯନ୍ତ୍ର ସ୍ଥାପନ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ସହରରେ ବଢୁଥିବା ଟ୍ରାଫିକ ସମସ୍ୟା ଓ ଦୁର୍ଘଟଣା ସମ୍ପର୍କରେ ଆରଟିଓ ଦିଲ୍ଲୀପ କୁମାର ଦଳେଇଙ୍କୁ ପଚାରିବାରୁ, ୨୦୧୯ରେ ଦ୍ରୁତ ଗତିରେ ଗାଡି ଚଳାଇବା ଯୋଗୁ ୨୧୪୮ ଗାଡିରୁ ୪,୮୩,୩୦୦ ଟଙ୍କା ଜରିମାନା ଆଦାୟ ହୋଇଛି ବୋଲି କହିଛନ୍ତି। ଆଗାମୀ ଦିନରେ ଦ୍ରୁତ ଗତିରେ ଗାଡ଼ି ଚଳାଉଥିବା ଚାଳକଙ୍କୁ ଚିହ୍ନଟ କରାଯାଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ସେହିଭଳି ଆର୍‌ଟି କାର୍ଯ୍ୟାଳୟ ପକ୍ଷରୁ ଗତବର୍ଷ ମଦ୍ୟପାନ କରି ଗାଡ଼ି ଚଳାଉଥିବା ୧୧୫ ଜଣଙ୍କଠାରୁ ୫ଲକ୍ଷ ୭୫ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଏହାଛଡ଼ା ପୋଲିସ ମଧ କେତେଜଣଙ୍କଠାରୁ ଜରିମାନା ଆଦାୟ କରିଛି, ଯାହାର ତଥ୍ୟ ତାଙ୍କ ପାଖରେ ନାହିଁ ବୋଲି ଆର୍‌ଟିଓ କହିଛନ୍ତି। ଟ୍ରାଫିକ ନିୟମକୁ କଡ଼ାକଡ଼ି କରିବା ସହ ଲୋକଙ୍କୁ ଏ ଦିଗରେ ସଚେତନ କରିବାକୁ ପ୍ରଶାସନ ପଦକ୍ଷେପ ନେବା ଜରୁରୀ ବୋଲି ବୁଦ୍ଧିଜୀବୀ କହିଛନ୍ତି।

# ସ୍ୱଦେଶୀ ଜାଗରଣ ମଞ୍ଚ ବୈଠକ

ରାୟଗଡ଼ା ଅଫିସ, ୬।୧

ରାୟଗଡ଼ାସ୍ଥିତ ସଂସ୍କୃତି ଭବନରେ ସ୍ୱଦେଶୀ ଜାଗରଣ ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଛି। ସ୍ୱଦେଶୀ ଅର୍ଥନୀତି, ପର୍ଯ୍ୟାବରଣ, ବିକାଶର ଅବଧାରଣା ସମ୍ପର୍କରେ ମଞ୍ଚର ପ୍ରାନ୍ତୀୟ ସଦସ୍ୟ ମନୋଜ କୁମାର ନାୟକ ଅଭିଭାଷଣ ଦେଇଥିଲେ। ଶ୍ରମିକ ନୀତି, ପ୍ଲାଷ୍ଟିକ ବର୍ଜନ ଆଦି ସମ୍ପର୍କରେ ଗ୍ରାମରୁ ସହର ସବୁଠି ସଚେତନ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ଆଲୋଚନା ହୋଇଥିଲା। ବୈଠକରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବିଭାଗ ସେବା ପ୍ରମୁଖ ରାମଚନ୍ଦ୍ର ସାହୁ, ଚିତ୍ତରଞ୍ଜନ ପ୍ରଧାନ, ପ୍ରମୋଦ ରାଉତ, ସୁନୀଲ ମହାପାତ୍ର, ମାଳେଶ୍ୱର୍ ପାତ୍ର, ବସନ୍ତ ଉଲାକା, ଲକ୍ଷ୍ମଣ ପଲେଇ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମଞ୍ଚର ଜିଲା ସଂଯୋଜକ ଭାବେ ଠାକୁର ପ୍ରସାଦ ଜେନାଙ୍କୁ ମନୋନୀତ କରାଯାଇଥିଲା।




ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9650446732 9990987786



SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ-୭୫୩୦୧୦
ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ

ଏତଦ୍ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍, ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତା/ଜାମନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ମେସର୍ସ ଷ୍ଟେଟ୍ ପଲି ପ୍ଲାଷ୍ଟ ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସନ୍ୟାସୀ ସାହୁ, ପିତା: ଵ କାଳନ୍ଦୀ ଚରଣ ସାହୁ, ସା/ପୋ: ଅଲବଗା, ଭାୟା: ଏଡ଼ତାଳ, ଥାନା: ବାସୁଦେବପୁର, ଭଦ୍ରକ, ଓଡ଼ିଶା | ସମ୍ପତ୍ତି ମାଲିକ: ଵ କାଳନ୍ଦି ଚରଣ ସାହୁ | ଵ କାଳନ୍ଦୀ ଚରଣ ସାହୁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଲବଗା, ଥାନା: ବାସୁଦେବପୁର, ଖାତା ନଂ.: ୮୪, ପ୍ଲଟ୍ ନଂ.: ୧୧୮୬, କ୍ଷେତ୍ର: ଏକର୨.୨୦ଡିସିମିଲି ଏବଂ ଖାତା ନଂ.: ୫୯୫/୧୮୫, ପ୍ଲଟ୍ ନଂ.: ୧୨୬୩, କ୍ଷେତ୍ର: ଏକର୦.୫୬ଡିସିମିଲି, କିସମ: ଘରବାରୀ | ୨୬.୦୬.୨୦୧୯ | ୦୪.୦୧.୨୦୨୦ | ଟ.୩୫,୮୭,୩୦୫/- + ୨୬.୦୬.୨୦୧୯ ଠାରୁ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୦୬.୦୧.୨୦୨୦, ସ୍ଥାନ: କଟକ
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

